


## ସଂକ୍ଷେପରେ

### ଦୁର୍ଘଟଣାରେ ୫ ଆହତ

ରାୟଗଡ଼(ଗଜପତି), ୨୪।୪ (ଡି.ଏନ୍.ଏ.): ଗଜପତି ଜିଲା ରାୟଗଡ଼ ଥାନା ଅଧୀନ ପେଗଡା ଗ୍ରାମରେ ବୁଧବାର ସକାଳେ ଏକ ଟାଟା ମ୍ୟାଜିକ ଦୁର୍ଘଟଣାଗ୍ରସ୍ତ ହୋଇ ଏଥିରେ ଥିବା ୫ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନେ ହେଲେ ରାୟଗଡ଼ ଏସ୍‌ବିଆଇ ବ୍ୟାଙ୍କର ହିସାବ ରକ୍ଷକ ସୁଦୀପ୍ତ ମହାନ୍ତି(୩୦), ଅମୀୟ ରଞ୍ଜନ ସାମଲ(୧୯), ଚୁଲବୁଲ ଜେନା(୨୪), ଲାଞ୍ଜିପଦର ଗ୍ରାମର ଫୁଲମଣି ଶବର(୩୫), ଶ୍ରୀପତି ଶବର(୩୮), ଲକ୍ଷ୍ମୀପୁର କଲୋନୀର କାନିଆ ଶବର (୬୦)। ପ୍ରକାଶ ଯେ, ଯାତ୍ରୀମାନେ ଉକ୍ତ ଗାଡ଼ିରେ ପାରଳାଖେମୁଣ୍ଡିରୁ ରାୟଗଡ ଅଭିମୁଖେ ଯାଉଥିଲେ। ବିପରୀତ ଦିଗରୁ ଆସୁଥିବା ଏକ ଅଟୋକୁ ସାଇଡ ଦେବାବେଳେ ଉକ୍ତ ମ୍ୟାଜିକଟିର ବାମ ଚକା ବାହାରି ପଡିଥିଲା। ଫଳରେ ଗାଡିଟି ନିୟନ୍ତ୍ରଣ ହରାଇ ରାସ୍ତାକଡସ୍ଥ ଚାଷଜମିରେ ଥିବା ଏକ ବିଦ୍ୟୁତ ଖୁଣ୍ଟିରେ ପିଟି ହୋଇ ଯାଇଥିଲା। ଏଥିରେ ଯାତ୍ରୀମାନେ ଆହତ ହୋଇଥିଲେ। ସେମାନଙ୍କୁ ରାୟଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ଚୋରା ଦେଶୀମଦ ସହ ମହିଳା ଗିରଫ

ପାରଳାଖେମୁଣ୍ଡି, ୨୪।୪ (ସ୍ୱ.ପ୍ର.): ପାରଳାଖେମୁଣ୍ଡି ଥାନା ପୋଲିସ ପାଟ୍ରୋଲିଂ ବେଳେ ଚୋରା ଦେଶୀମଦ ନେଇ ଯାଉଥିବା ପି.ବୁଡୁମା(୪୭)ଙ୍କୁ ଗିରଫ କରିଛି। ଏ ନେଇ ୯୬/୧୯ରେ ମାମଲା ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଝାମୀଗାଁ ରାସ୍ତାରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଜାଗିଲି ସାହିର ପି.ବୁଡୁମାଙ୍କୁ ସନ୍ଦେହରେ ଅଟକାଇ ପଚରା ଉଚରା କରିଥିଲା। ଏହି ସମୟରେ ତାଙ୍କ ନିକଟରୁ ୪୨ଟି ଚୋରା ଦେଶୀମଦ ପାଉଚ ପୋଲିସ ଜବତ କରିଥିଲା। ଏ ନେଇ ମାମଲା ରୁଜୁ କରାଯିବା ସହ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ।

### ସହରରେ ବଢୁଛି ଶବ୍ଦ ପ୍ରଦୂଷଣ

ପାରଳାଖେମୁଣ୍ଡି, ୨୪।୪(ସ୍ୱ.ପ୍ର.): ପାରଳାଖେମୁଣ୍ଡି ସହରରେ ଶବ୍ଦ ପ୍ରଦୁଷଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ସହରରେ ଡିଜେ ବାଜିବା ପାଇଁ ଯେଉଁ ସମୟ ନିର୍ଘଣ୍ଟ ରହିଛି ତାହା ମଧ ପାଳନ ହେଉନାହିଁ। ପାରଳାଖେମୁଣ୍ଡି ଏକ ପାରମ୍ପରିକ ସହର ହୋଇଥିବା ଯୋଗୁ ଏଠାରେ ବିଭିନ୍ନ ପୂଜା ପାର୍ବଣ ଏବଂ ଜାନିଯାତ୍ରାରେ ଡିଜେ ବାଜିବା ସ୍ୱାଭାବିକ କଥା। ମାତ୍ର ଡିଜେ ବାଜିବାପାଇଁ ଯେଉଁ ନିୟମ ରହିଛି, ତାହା ପାଳନ ହେଲେ ଶବ୍ଦ ପ୍ରଦୂଷଣ ରୋକି ହେବ। ଏହାଛଡ଼ା ସାଧାରଣ ଲୋକମାନେ ମଧ ସଚେତନ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

# ବିକାଶଠାରୁ ଦୂରରେ ଆଦାନଗୁଡ଼ା-ତଳଗ୍ରାମ

ପାରଳାଖେମୁଣ୍ଡି, ୨୪।୪ (ସ୍ୱ.ପ୍ର.)

■ ନାଳପାଣି ବ୍ୟବହାର କରୁଛନ୍ତି ଲୋକେ
■ ତଳସାହିରୁ ଉପରସାହିକୁ ଯିବାକୁ ରାସ୍ତା ନାହିଁ
■ ଚାଷ ବିନା ଅଧିକାଂଶ ଜମି ପଡ଼ୁଛି ପଡ଼ିଆ


ଗ୍ରାମଠାରୁ ୨ କି.ମି. ଦୂରରେ ଥିବା ଚୁଆରୁ ମହିଳାମାନେ ପାଣି ନେଇ ଯାଉଛନ୍ତି।

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ନାମନଗଡ ପଞ୍ଚାୟତର ଆଦାନଗୁଡା-ତଳଗ୍ରାମ ରହିଛି ବିକାଶଠାରୁ ବହୁ ଦୂରରେ। ସରକାରଙ୍କ ଅଧିକାଂଶ ଯୋଜନା ଲୋକଙ୍କ ନିକଟରେ ପହଞ୍ଚିପାରିନାହିଁ। ଫଳରେ ପାହାଡତଳି ଅଞ୍ଚଳ ରୂପେ ପରିଚିତ ଏହି ଗ୍ରାମ ପାଇଁ ବିକାଶ ହୋଇଛି ସାତସପନ। ଅଞ୍ଚଳବାସୀ ସର୍ବନିମ୍ନ ମୌଳିକ ସୁବିଧା ଟିକକ ମଧ ଏଠି ପାଆନ୍ତି ନାହିଁ। ଆଦାନଗୁଡା ତଳ ଗ୍ରାମରେ ଶତାଧିକ ଆଦିବାସୀ ସମ୍ପ୍ରଦାୟର ଲୋକେ ବସବାସ କରନ୍ତି । ଛେଳି ଚରାଇବା, ବଗଡ ଚାଷ କରିବା, ଜଙ୍ଗଲରୁ କାଠ ଆଣି ବିକ୍ରି କରିବା ଗ୍ରାମବାସୀଙ୍କ ଜୀବିକା। ଗ୍ରାମବାସୀଙ୍କ ମୁଖ୍ୟ ସମସ୍ୟା ମଧରେ ରହିଛି ପାନୀୟ ଜଳ,ରାସ୍ତା ଓ ବିଦ୍ୟୁତ ବ୍ୟବସ୍ଥା ।

ଆଦାନଗୁଡା-ତଳ ଗ୍ରାମରେ ପାନୀୟ ଜଳ ପାଇଁ ରହିଛି ଗୋଟିଏ କୂଅ, ଗୋଟିଏ ନଳକୂପ । କୂଅର ଅପରିଷ୍କାର ପାଣି ବ୍ୟବହାର କରି ହେଉ ନ ଥିବା ବେଳେ ରହିଥିବା ନଳକୂପ ଅବସ୍ଥା ଆହୁରି ଶୋଚନୀୟ। ଦୀର୍ଘ ସମୟ ଧରି ହ୍ୟାଣ୍ଡେଲ ମାରିଲେ ପାଣି ଆସେ। ୧୦/୧୨ ହାଣ୍ଡି ପାଣି ମିଳେ। ଗ୍ରୀଷ୍ମ ମାସର ପ୍ରଚଣ୍ଡ ଖରା ତାତିରେ ଜଳସ୍ତର କମିଯାଇ ଆଉ ପାଣି ମଧ ଆସୁନାହିଁ । ଗ୍ରାମର ମହିଳାମାନେ ଗ୍ରାମଠାରୁ ପ୍ରାୟ ୨କିମି ଦୂରରେ ଥିବା ଚନ୍ଦନଗିରି ପାହାଡ ତଳିଆରେ ବୋହି ଯାଉଥିବା ନାଳରୁ ଶିଉଳିଯୁକ୍ତ, ଗୋଳିଆ ପାଣି ସଂଗ୍ରହ କରି ତାକୁ କପଡାରେ ଛାଣି ଆଣି ବ୍ୟବହାର କରିଥାନ୍ତି । ରାସ୍ତା କହିଲେ ଛୋଲା ଗ୍ରାମଠାରୁ ପ୍ରାୟ ୨ କିମି ଦୂରରେ ଥିବା ମାଟି-ମୋରମ ରାସ୍ତା ଦେଇ ଯିବାକୁ ହୋଇଥାଏ। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଏହି ରାସ୍ତାକୁ ସାମିଲ କରାଯିବାକୁ ଦୀର୍ଘ ଦିନ ହେଲା ଦାବି ହୋଇ ଆସୁଥିଲେ ମଧ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନାହିଁ। ଗ୍ରାମଠାରୁ ପ୍ରାୟ ୧ କିମି ଦୂରରେ ରହିଛି ଅଙ୍ଗନୱାଡି କେନ୍ଦ୍ର । ସେଠାକୁ ଯିବାପାଇଁ ମଧ ରାସ୍ତା ନାହିଁ। କେନ୍ଦ୍ରକୁ ଯିବାକୁ ହେଲେ ଚାଷଜମି ହୁଡା ଦେଇ ଯିବାକୁ ହୁଏ । ସେହିଭଳି ତଳସାହିରୁ ଉପର ସାହିକୁ ଯିବା ପାଇଁ ମଧ ରାସ୍ତା ନାହିଁ। ବିଦ୍ୟୁତ ଆଲୁଅ ବ୍ୟବସ୍ଥା ଅଛି ହେଲେ ନ ଥିବା ସହ ସମାନ। ଥରେ ବିଦ୍ୟୁତ ଚାଲିଗଲେ କେତେବେଳେ ଆସିବ ଠିକ୍ ନାହିଁ । ସେହିପରି ଗ୍ରାମବାସୀଙ୍କୁ ଆବାସ ଗୃହ ହାତଗଣତି ୫/୬ଟି ମିଳିଛି। ଅନେକ ଗ୍ରାମବାସୀ ଇନ୍ଦିରା ଆବାସ ପାଇଁ ଦରଖାସ୍ତ କରିଥିଲେ ମଧ ଏଯାଏ ସେମାନଙ୍କୁ ମିଳିନାହିଁ । ଲୋକେ ଚାଳଛପର ମାଟି ଘରେ ଅତି ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ଗ୍ରାମରେ ସମସ୍ତଙ୍କର ମୋ ସ୍ୱଚ୍ଛ ଶୌଚାଳୟ ଯୋଜନାରେ ପାଇଖାନା ନିର୍ମାଣ ହୋଇଛି । ପାଣିର କୌଣସି ବ୍ୟବସ୍ଥା ନ ଥିବାରୁ ତାହା ବ୍ୟବହାର ହୋଇପାରୁନି। ଶୌଚ ପାଇଁ ଲୋକେ ବାହାରକୁ ଯାଉଛନ୍ତି। ସେହିଭଳି ପାଣିର ଅଭାବ ଯୋଗୁ ଚାଷଜମିରେ ଚାଷ ହୋଇପାରୁନି। ଅଧିକାଂଶ ଜମି ପଡିଆ ପଡୁଛି ବୋଲି କହନ୍ତି ଗ୍ରାମର ପାଉଲ ଶବର, ପ୍ରସାଦ ଶବର, ସାଇବାବୁ ଶବର, ପାର୍ବତୀ ଶବର, ପିଙ୍କି ଶବର, ଶୁଭମା ଶବର।

# ଆଇପିଏଲ୍ ପାଇଁ ବେଟିଂ ବେଳେ ୭ ଗିରଫ

## ଅଭିଯୁକ୍ତଙ୍କ ପାଖରୁ ନଗଦ ୬୧ହଜାର ଟଙ୍କା ଜବତ

ପାରଳାଖେମୁଣ୍ଡି, ୨୪।୪ (ସ୍ୱ.ପ୍ର.)

ପାରଳାଖେମୁଣ୍ଡି ପୋଲିସ ସ୍ଥାନୀୟ ପୋଲିସ ହୋମ୍‌ଗାର୍ଡ ପଡିଆରେ ଚଢାଉ କରି ଆଇପିଏଲ୍ ଖେଳ ପାଇଁ ବେଟିଂ କରୁଥିବା ୭ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ସମୟରେ ସେମାନଙ୍କ ନିକଟରୁ ନଗଦ ୬୧ହଜାର ଟଙ୍କା ଓ ବେଟିଂରେ ବ୍ୟବହୃତ ହେଉଥିବା ୮ଟି ମୋବାଇଲକୁ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚୁନୁ ଗୌଡ, ଜି.ସନ୍ତୋଷ, ପି.ଆଶିଷ,ଏମ୍.ଆର୍. ପଟ୍ଟନାୟକ, ଏ.ଲୋକେଶ, କେ.କାମେଶ୍ବ, ଟି.ରାମବାବୁ। ପ୍ରକାଶ ଯେ, ପାରଳାଖେମୁଣ୍ଡି ହୋମ୍‌ଗାର୍ଡ ପଡିଆରେ ଆଇପିଏଲ୍ ପାଇଁ ବେଟିଂ ଚାଲୁଥିବା ନେଇ ପୋଲିସ ଖବର ପାଇଥିଲା। ପରେ ପାରଳାଖେମୁଣ୍ଡି ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ, ଏସ୍.ଆଇ. ମୁକେଶ ବେହେରା, ସୁନୀଲ କୁମାର ଦଳେଇ ପ୍ରମୁଖ ଘଟଣାସ୍ଥଳରେ ଚଢାଉ କରିଥିଲେ। ଚଢାଉବେଳେ ୭ଜଣ ଅଭିଯୁକ୍ତଙ୍କ ସହ ବେଟିଂ ଲାଗିଥିବା ବେଳେ ନଗଦ ୬୧ହଜାର ଟଙ୍କା ଜବତ ହେବା ସହ ୮ଗୋଟି ମୋବାଇଲ ଜବତ କରାଯାଇଛି । ଏ ନେଇ ପାରଳାଖେମୁଣ୍ଡି ଥାନାରେ ୯୫/୧୯ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।


ଗିରଫ ଅଭିଯୁକ୍ତମାନେ।

# ଗୋଷାଣୀରେ ପୁଣି ହାତୀପଲ

## ହାତୀମାନଙ୍କୁ ଟ୍ରାକ୍ କରିବାକୁ ସ୍ୱତନ୍ତ୍ର ଟିମ୍ ଗଠନ କରିଛି ବନ ବିଭାଗ

ପାରଳାଖେମୁଣ୍ଡି, ୨୪।୪ (ସ୍ୱ.ପ୍ର.)

ଗଜପତି ଜିଲାରେ ପୁଣି ହାତୀପଲଙ୍କୁ ଦେଖିବାକୁ ମିଳିଛି। ଏହି ହାତୀପଲ ଗୋଷାଣୀ ବ୍ଲକ ଜଙ୍ଗଲପାଡୁ ଗ୍ରାମ ସହ ଗଣ୍ଡାହାତୀ ଅଞ୍ଚଳର ଲାଲୁସାହି ଆଦି ଗ୍ରାମରେ ବୁଲୁଛନ୍ତି। ଖବର ଲେଖାହେବା ସୁଦ୍ଧା ବର୍ତ୍ତମାନ ଏହି ହାତୀପଲ ଗୋଷାଣୀ ବ୍ଲକ ଅଧୀନ ଜକରବନ୍ଧ ଗ୍ରାମରେ ଥିବା ଜଣାପଡିଛି। ଏ ସମ୍ପର୍କରେ ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ବିବେକ କୁମାରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ହାତୀମାନଙ୍କୁ ଟ୍ରାକ୍ କରିବାପାଇଁ ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ହାତୀମାନଙ୍କ ଉପରେ ସକ୍ରିୟ ନଜର ରଖାଯିବା ସହ ବିଦ୍ୟୁତ ବିଭାଗ ଏବଂ ଆନ୍ଧ୍ର ବନ ବିଭାଗକୁ ମଧ ସୂଚନା ଦିଆଯାଇଛି। ହାତୀମାନଙ୍କ ଦ୍ୱାରା ଯେଭଳି କୌଣସି କ୍ଷୟକ୍ଷତି ନ ଘଟେ, ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି। ପ୍ରକାଶ ଯେ, କିଛି ମାସ ତଳେ ଗୋଷାଣୀ ବ୍ଲକ ଡାମୁଣୀଗାଁ, ଭିନୋଳା, ଅଗରଖଣ୍ଡି ଆଦି ଅଞ୍ଚଳରେ ହାତୀପଲଙ୍କୁ ଦେଖିବାକୁ ମିଳିଥିଲା। ତେବେ ସେଠାରେ ସେମାନେ ଫସଲହାନୀ କରିବାସହ ଫଳ ବଗିଚା ନଷ୍ଟ କରିଥିବା ଅଭିଯୋଗ ମିଳିଥିଲା। ପରେ ଏହି ହାତୀଗୁଡିକ ଆନ୍ଧ୍ରମୁହାଁ ହୋଇଥିଲେ।


ଗୋଷାଣୀ ବ୍ଲକର ବିଭିନ୍ନ ଅଞ୍ଚଳରେ ବୁଲୁଥିବା ହାତୀପଲ।

■ କାଶୀନଗର କ୍ଷୁଦ୍ରଜଳସେଚନ ବିଭାଗ କାର୍ଯ୍ୟାଳୟ

# ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନେଇ ଚାଲିଛି ଅଫିସ୍

କାଶୀନଗର,୨୪।୪(ଡି.ଏନ.ଏ.)



ଗଜପତି ଜିଲା କାଶୀନଗର ଏନଏସିରେ ଥିବା କ୍ଷୁଦ୍ରଜଳସେଚନ ବିଭାଗର କାର୍ଯ୍ୟାଳୟକୁ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ଆସୁ ନ ଥିବା ଅଭିଯୋଗ ହେଉଛି। ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନେଇ କାର୍ଯ୍ୟାଳୟ ଚାଲିଛି । କୌଣସି କାର୍ଯ୍ୟରେ କୃଷକ ବା ଅନ୍ୟ କେହି କାର୍ଯ୍ୟାଳୟକୁ ଗଲେ କନିଷ୍ଠ ଓ ସହକାରୀ ଯନ୍ତ୍ରୀଙ୍କ ସାକ୍ଷାତ ମିଳୁ ନାହିଁ । କାର୍ଯ୍ୟାଳୟରେ ଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ପଚାରିଲେ ସେ ସବୁବେଳେ ଗୋଟିଏ ଉତ୍ତର ହିଁ ଦେଉଛନ୍ତି ଅଧିକାରୀମାନେ କ୍ଷେତ୍ର ପରିଦର୍ଶନରେ ଯାଇଛନ୍ତି । ଗତ ୨୩ ତାରିଖରେ କାଶୀନଗର ରଇତ ସଂଘର କାର୍ଯ୍ୟକାରୀ ସଭାପତି ସେ. ତାତେୟା ଓ କୋଷାଧ୍ୟକ୍ଷ ବସନ୍ତ କୁମାର ଦାମୋଦର ରବିବର୍ମା ନାଳରେ ଗାର୍ଡ଼ୱାଲ ନିର୍ମାଣ ପାଇଁ ଜଣାଇବାକୁ କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟକୁ ଯାଇଥିଲେ। କିନ୍ତୁ କାର୍ଯ୍ୟାଳୟରେ କେବଳ ଚତୁର୍ଥ ଶ୍ରେଣୀ କର୍ମଚାରୀ ଜଣକ ଉପସ୍ଥିତ ଥିଲେ। କନିଷ୍ଠ ଓ ସହକାରୀ ଯନ୍ତ୍ରୀ କୁଆଡେ ଯାଇଛନ୍ତି ପଚାରିବାରୁ କ୍ଷେତ୍ର ପରିଦର୍ଶନରେ ଯାଇଥିବା କହିଥିଲେ। କାଶୀନଗରର ମୁଖ୍ୟରାସ୍ତା ଗୁଣୁପୁର ରୋଡକୁ ଲାଗିକି ରହିଛି କ୍ଷୁଦ୍ରଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ। ଗୋଟିଏ ପରିସରରେ ୨ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ରହିଛି । ଜିଲା ପ୍ରଶାସନର ବହୁ ଉଚ୍ଚ ପଦାଧିକାରୀ ସେହି ରାସ୍ତାରେ ଯିବା ଆସିବା କରନ୍ତି । କିନ୍ତୁ କ୍ଷୁଦ୍ରଜଳସେଚନ ବିଭାଗର କାର୍ଯ୍ୟାଳୟ ଉପରେ କାହାର ନଜର ପଡେ ନାହିଁ । ରଇତ ସଂଘ କର୍ମକର୍ତ୍ତାମାନେ କହିଛନ୍ତି ଯେ, ବର୍ଷାଦିନ ପୂର୍ବରୁ ଯଦି ରବି ବର୍ମା ନାଳରେ ଗାର୍ଡ଼ୱାଲ ନିର୍ମାଣ କରା ନ ଯାଏ ତେବେ ନାଳକୁ ଲାଗି ରହିଥିବା ସେମାନଙ୍କ ଚାଷଜମିର ବହୁତ କ୍ଷତି ହେବ। କୂଳ ଲଂଘି ପାଣି ଚାଷଜମିରେ ପଶିଯିବ ଓ ବାଲିଚର ମାଡିଯିବ । ରଇତ ସଂଘର ଉପଦେଷ୍ଟା ପ୍ରଶାନ୍ତ ମିଶ୍ର କହିଛନ୍ତି ଯେ, ରବି ବର୍ମା ନାଳରେ ଗାର୍ଡ଼ୱାଲ ନିର୍ମାଣ ପାଇଁ ଆଗରୁ ଦାବି କରାଯାଇଥିଲା। କିନ୍ତୁ ଏଯାଏଁ ଗାର୍ଡ଼ୱାଲ ନିର୍ମାଣ ଲାଗି ପଦକ୍ଷେପ ନିଆଯାଇନାହିଁ । ତେଣୁ କୃଷକମାନଙ୍କ ଦାବି ଅନୁଯାୟୀ ତୁରନ୍ତ ଗାର୍ଡ଼ୱାଲ ନିର୍ମାଣ କରାଯାଉ । ନଚେତ ଆଗାମୀ ଦିନରେ କାଶୀନଗର ରଇତ ସଂଘ ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ।

# ଜିଲା ମୁଖ୍ୟ ଚିକିତ୍ସାଳୟରେ ନାହାନ୍ତି ଚକ୍ଷୁ ବିଶେଷଜ୍ଞ

## ଚିକିତ୍ସା ପାଇଁ ବ୍ରହ୍ମପୁର, ଆନ୍ଧ୍ର ଉପରେ ନିର୍ଭର କରୁଛନ୍ତି ଜିଲାବାସୀ




ପାରଳାଖେମୁଣ୍ଡି, ୨୪।୪ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘ ଦିନ ହେବ ଚକ୍ଷୁ ବିଶେଷଜ୍ଞ ନାହାନ୍ତି। ଫଳରେ ସ୍ଥାନୀୟ ଲୋକେ ଚିକିତ୍ସା ପାଇଁ ବାହାରକୁ ଯାଇ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ଏହି ଡାକ୍ତରଖାନା ଉପରେ ଜିଲାର ୭ ବ୍ଲକର ଜନସାଧାରଣ ଏବଂ ସୀମାନ୍ତ ଆନ୍ଧ୍ରପ୍ରଦେଶର ଲୋକେ ନିର୍ଭର କରିଥାନ୍ତି। କିନ୍ତୁ ଏହାର ଚକ୍ଷୁ ବିଶେଷଜ୍ଞଙ୍କ ପଦବୀ ପ୍ରାୟ ୩ମାସରୁ ଉର୍ଦ୍ଧ୍ୱ ସମୟ ଧରି ଖାଲି ଥିଲେ ମଧ ଏଠାରେ ଏପର୍ଯ୍ୟନ୍ତ କାହାକୁ ଦାୟିତ୍ୱ ଦିଆଯାଇ ନାହିଁ। ଅନେକ ଚକ୍ଷୁ ରୋଗୀ ଚିକିତ୍ସା ପାଇଁ ବ୍ରହ୍ମପୁର କିମ୍ବା ପଡୋଶୀ ଆନ୍ଧ୍ରର ଶ୍ରୀକାକୁଲମ, ବିଶାଖାପାଟଣା ଆଦି ଅଞ୍ଚଳକୁ ଯିବାକୁ ବାଧ ହେଉଛନ୍ତି। ଏ ନେଇ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ୩ମାସ ତଳୁ ଜଣେ ଚକ୍ଷୁ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯାଇଛି। କିନ୍ତୁ ସେ ବର୍ତ୍ତମାନ ସୁଦ୍ଧା ଦାୟିତ୍ୱ ନେଇନାହାନ୍ତି।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ-୭୫୩୦୧୦
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ/ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା / ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ମେସର୍ସ ସ୍ୱସ୍ତିକ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଅଭୟ କୁମାର ପାତ୍ର,** ପିତା: ଶ୍ରୀ ଅଶୋକ କୁମାର ପାତ୍ର, ସା: ଆଇସ୍ ଫ୍ୟାକ୍ଟ୍ରି ରୋଡ଼, କଲେଜ ଛକ, କଟକ-୭୫୩୦୦୩ / **ଆକାଉଣ୍ଟ ନଂ.: ୩୬୫୨୦୩୮୬୨୧୩** | **ଜାମିନ୍‌ଦାର: ଶ୍ରୀ ଅଶୋକ କୁମାର ପାତ୍ର,** ପିତା: ୰ ରସାନନ୍ଦ ପାତ୍ର ଓରଫ ରମାନନ୍ଦ ପାତ୍ର, ସା: ଆଇସ୍ ଫ୍ୟାକ୍ଟ୍ରି ରୋଡ଼, କଲେଜ ଛକ, କଟକ-୭୫୩୦୦୩ / **ସମ୍ପତ୍ତି ମାଲିକମାନେ: ଶ୍ରୀ ଅଭୟ କୁମାର ପାତ୍ର ଏବଂ ଶ୍ରୀ ଅଶୋକ କୁମାର ପାତ୍ର** | **(୧) ଶ୍ରୀ ଅଭୟ କୁମାର ପାତ୍ର**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର, ୟୁନିଟ୍ ନଂ.-୨୪, କଲେଜ ଛକ, ଖାତା ନଂ.: ୩୪୦/୨୬୮, ପ୍ଲଟ୍ ନଂ.: ୨୨୧୧/୨୯୬୩, କ୍ଷେତ୍ର: ଏକର୦.୦୨୨.୫ଡିସିମିଲି, କିସମ: ଘରବାରୀ, **(୨) ଶ୍ରୀ ଅଶୋକ କୁମାର ପାତ୍ର**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର, ୟୁନିଟ୍ ନଂ.-୨୪, କଲେଜ ଛକ, ଖାତା ନଂ.: ୩୪୦/୨୩, ପ୍ଲଟ୍ ନଂ.: ୮୩୦, କ୍ଷେତ୍ର: ଏକର୦.୦୨୧ଡିସିମିଲି, କିସମ: ଘରବାରୀ, **(୩) ଶ୍ରୀ ଅଭୟ କୁମାର ପାତ୍ର**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର, ୟୁନିଟ୍ ନଂ.-୨୫, ଜୋବ୍ରା, ଖାତା ନଂ.: ୫୩୬/୨୩୫, ପ୍ଲଟ୍ ନଂ.: ୧୦୫୬/୧୯୧୯, କ୍ଷେତ୍ର: ଏକର୦.୦୨୦ଡିସିମିଲି, କିସମ: ଘରବାରୀ | ୦୧.୦୨.୨୦୧୯ | ୨୨.୦୪.୨୦୧୯ | ୩୧.୦୧.୨୦୧୯ ସୁଦ୍ଧା ଟ.୧,୬୯,୯୪,୮୨୩/- + ୦୧.୦୨.୨୦୧୯ ଠାରୁ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୨୪.୦୪.୨୦୧୯, ସ୍ଥାନ: କଟକ
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ